## ଓଡିଶାରେ ଆଇନ୍-ସହାୟତା ଆନ୍ଦୋଳନର ବଳିଷ୍ଠ ପ୍ରବକ୍ତା- ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାସ

ସମ୍ମାନୀୟ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାସଙ୍କୁ ଜଣେ ବରିଷ୍ଠ ସର୍ବୋଦୟ ସଂଗଠକ ରୂପେ ମୁଁ କଲେଜ ପଢିବା ବେଳୁ ଆମ ପରିବାର ଏବଂ ଅନ୍ୟ ସୂତ୍ରରୁ ଜାଣିଥିଲେ ହେଁ, ତାଙ୍କର ଘନିଷ୍ଠ ସଂପର୍କରେ ଆସିବାର ସୁଯୋଗ ମିଳିଥିଲା, ମୁଁ ପାର୍ଟି (ଏସ୍.ୟୁ.ସି.)ରୁ ଇସ୍ତଫା ଦେଇ ୧୯୮୮-୮୯ରେ ଯେତେବେଳେ କଟକରେ ରହି ସମ୍ବାଦପତ୍ରରେ ଲେଖାଲେଖି କରିବା ସହିତ ବିଭିନ୍ନ ଏନ.ଜି.ଓ.ମାନଙ୍କ ସହ ମିଶି ତଥା ନିଜେ ଏକ ଏନ୍.ଜି.ଓ. ଗଢି 'କାମର ଅଧିକାର'କୁ ସମ୍ବିଧାନର ଏକ ମୌଳିକ ଅଧିକାରର ମାନ୍ୟତା ଦେବାପାଇଁ ଚାଲୁଥିବା ଜାତୀୟ ଆନ୍ଦୋଳନ ସହିତ ଜଡିତ ହୋଇ ପଡିଥିଲି । ସେତେବେଳକୁ ସେ 'କ୍ଲାପ୍' ପ୍ରତିଷ୍ଠା କରିସାରି ତା ତରଫରୁ ଗୋଟାକ ପରେ ଗୋଟାଏ ସୁଖପାଠ୍ୟ ଆଇନ୍-ପୁସ୍ତକ ଓଡିଆ ଭାଷାରେ ଅବିରାମ ଗତିରେ ପ୍ରକାଶ କରି ଚାଲୁଥାନ୍ତି । କେବଳ 'କାମର ଅଧିକାର' ନୁହେଁ, ଅସଂଗଠିତ ଶ୍ରମିକମାନଙ୍କ ଉପରେ ସେତେବେଳେ ପ୍ରକାଶ ପାଇଥିବା ପ୍ରଥମ ଜାତୀୟ କମିଶନ୍ ରିପୋର୍ଟ 'ଶ୍ରମଶକ୍ତି', ଜାତୀୟ ଶ୍ରମ କମିଶନ୍‌ଙ୍କ ରିପୋର୍ଟ ଏବଂ 'ମହିଳାମାନଙ୍କ ପାଇଁ ଜାତୀୟ ପରିଯୋଜନା' (National Perspective Plan for Women), 'ତଲୁ ଯୋଜନା' ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେନ୍ଦ୍ରକରି ଯେତେସବୁ ବୌଦ୍ଧିକ ବିତର୍କସଭା କଟକରେ ଅନୁଷ୍ଠିତ ହେଉଥିଲା, ସେସବୁଥିରେ ଶ୍ରୀଯୁକ୍ତ ଦାସଙ୍କ ସକ୍ରିୟ ଉପସ୍ଥିତି ଏବଂ ବିଶେଷକରି ତାଙ୍କର ସୁଦୀର୍ଘ, ବିଶ୍ଳେଷଣାତ୍ମକ ଟିପ୍ପଣୀ ଅନୁଶୀଳନ କରିବାର ବେଶ୍ ଅବକାଶ ମିଳିଥିଲା । ଯେତେବେଳେ ଏହିଭଳି କୌଣସି ଉପଲକ୍ଷରେ ତାଙ୍କର ଉପସ୍ଥିତି ମୁଁ କିମ୍ବା ମୋର ନବ-ବିବାହିତା ପତ୍ନୀ ଶ୍ରୀମତୀ ଡଲି ଦାସ କିମ୍ବା ବିନୋଦ ଭାଇ (ବିନୋଦ ମହାନ୍ତି, ଯାହାଙ୍କ ସହ ମିଶି ସେତେବେଳେ ଏହିପ୍ରକାର ବହୁ ଆଲୋଚନାସଭା ଆମେ ଆୟୋଜନ କରୁଥିଲୁ)ଚାହୁଁଥିଲୁ, ସେ ତତ୍କ୍ଷଣାତ୍ ତାଙ୍କର ଅନ୍ୟ କାମଗୁଡିକୁ ପଛରେ ପକେଇ ଆମର ଜଣେ ଅଗ୍ରଜ ବନ୍ଧୁ-ପରାମର୍ଶଦାତା ରୂପେ ଆମର କାର୍ଯ୍ୟକ୍ରମ ସହିତ ସାମିଲ୍ ହୋଇଯାଉଥିଲେ । ଯଦି ତାତ୍ତ୍ୱିକ ଦୃଷ୍ଟିରୁ ଗୋଟିଏ ସିଦ୍ଧାନ୍ତ ଗ୍ରହଣଯୋଗ୍ୟ ବୋଲି ବିବେଚିତ ହୁଏ, ତେବେ ତହିଁର ଝଣ୍ଡା ଯିଏ ଧରିଥାଉନା କାହିଁକି, ଅଥବା ତହିଁର ମଞ୍ଚ ଯିଏ ଗଢିଥାଉନା କାହିଁକି, ସେହି ବ୍ୟକ୍ତି ବା ସଂସ୍ଥାମାନଙ୍କ ସହ ନିଃସଙ୍କୋଚରେ ତଥା ଉତ୍ସାହ ସହକାରେ ମିଶି ତଦ୍‌ସଂଶ୍ଳିଷ୍ଟ ଯୌଥ ପ୍ରୟାସକୁ ଆଗେଇନେବାର ଦୁର୍ଲ୍ଲଭ ଗୁଣ ମୁଁ ସେତେବେଳେ ତାଙ୍କ ଭିତରେ ନିବିଡ ଭାବେ ଲକ୍ଷ୍ୟ କରିଛି, ଏବଂ ଅନୁପ୍ରେରିତ ହୋଇଛି ମଧ୍ୟ । ମୁଁ ଭଲ ପାଉଥିବା ଆଉ ଏକ ଦୁର୍ଲ୍ଲଭ ମାନସିକତା ତାଙ୍କ ଭିତରେ ଠାବ କରିଥିଲି, ତାହା ହେଉଛି, ପରନିନ୍ଦା ନକରିବା ଏବଂ ପରନିନ୍ଦା ଚାଲୁଥିବା ବେଳେ ସେଥିରୁ ସଜାଗ ଦୂରତ୍ୱ ବଜାୟ ରଖିବା ।

ଶ୍ରୀଯୁକ୍ତ ଦାସଙ୍କ ଏକ ପ୍ରଚଣ୍ଡ ନିଶା ତଥା ବିଶ୍ୱାସ ଥିଲା ଏବଂ ଏବେବି ଅତୁଟ ରହିଛି- ତାହା ହେଲା, ଯଦି ଇଂରେଜୀରେ ଲେଖା ହୋଇଥିବା ଜଟିଳ ଓ ଦୁର୍ବୋଧ୍ୟ ଆଇନ୍‌କାନୁନ୍ ଓ ବିଧିବିଧାନଗୁଡିକୁ ସରଳ ଓଡିଆ ଭାଷାରେ ଅନୁବାଦ ଓ ବ୍ୟାଖ୍ୟାୟନ କରି ସେସବୁକୁ ଲୋକମାନଙ୍କ ଜୀବନଜୀବିକାକୁ କେନ୍ଦ୍ରକରି ଗଢିଉଠୁଥିବା ଆନ୍ଦୋଳନ ଓ ଅଭିଯାନର ପ୍ରବାହ ସହ ସାମିଲ୍ କରାଯାଇପାରେ, ତେବେ ଉଭୟ ଦିଗରୁ ସମାଜ  ଉପକୃତ ହୋଇପାରିବ । ପ୍ରଥମତଃ ଯେଉଁ ସାଧାରଣ ଲୋକେ ଆଇନ୍‌ର ଜଟିଳ ଓ ବିଚିତ୍ର ପରିଭାଷାରେ ଆତଙ୍କିତ ହୋଇ ଏହା କେବଳ ପେଷାଦାର୍ ଓକିଲଙ୍କ ଏକଚାଟିଆ ବ୍ୟାପାର ବୋଲି ମନେକରି ତହିଁରୁ ଦୂରେଇ ରହିଥିବେ, ସେମାନେ ଆସ୍ତେଆସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ଏହାକୁ ଘାଣ୍ଟିବା ଓ ଉପଯୋଗ କରିବାପାଇଁ ଆଗ୍ରହ ଦେଖାଇବେ, ଏବଂ ଦ୍ୱିତୀୟତଃ ଅନ୍ୟପଟରେ କେବଳ ଏହି ପ୍ରକ୍ରିୟାରେ ହିଁ ଓଡିଆ ଭାଷାର ବହୁମୁଖୀ ସମୃଦ୍ଧି ଓ ବିକାଶ ଘଟିପାରିବ ଏବଂ କୋର୍ଟକଚେରିରେ ଇଂରେଜୀଭାଷାର ଏକାଧିପତ୍ୟ ଦିନେ ନା ଦିନେ ହଟି ଯାଇପାରିବ । ଗୋତିଶ୍ରମ, ଯୌତୁକ ପ୍ରଥା, ଖାଉଟି ସୁରକ୍ଷା, ଲିଙ୍ଗନ୍ୟାୟ, ନ୍ୟୂନତମ ମଜୁରୀ, ପୋଲିସ୍ ବ୍ୟବସ୍ଥା ଇତ୍ୟାଦି ଅନେକ, ଅନେକ ପ୍ରସଙ୍ଗରେ ସେ ପ୍ରଚଳିତ ବିଧିବିଧାନଗୁଡିକର ଓଡିଆ ଅନୁବାଦ କରିବା ସହିତ ନିଜର ଟିପ୍ପଣୀ ଦେଇଯାଇଛନ୍ତି, ଯେଉଁଗୁଡିକର ଏକ ସୁସଂପାଦିତ ସଂକଳନ ଯଦି ପ୍ରକାଶ କରାଯାନ୍ତା, ତେବେ ବର୍ତ୍ତମାନ ଓ ଆଗାମୀ ପିଢୀ ପାଇଁ ତାହା ଏକ ଅମୂଲ୍ୟ ବୌଦ୍ଧିକ ସଂପଦ ରୂପେ ସୁରକ୍ଷିତ ହୋଇ ରହିପାରନ୍ତା । ତାଙ୍କ ପ୍ରତିଷ୍ଠିତ ଅନୁଷ୍ଠାନ 'କ୍ଲାପ୍', ଯାହା ପାଖରେ ଏହିସବୁ ପୁସ୍ତକପୁସ୍ତିକା ଗଚ୍ଛିତ ଥିବା କଥା, ସେହି ସଂସ୍ଥାର କର୍ମକର୍ତ୍ତାମାନେ ଯଦି ଏତାଦୃଶ ଏକ ପ୍ରକଳ୍ପକୁ ହାତକୁ ନିଅନ୍ତେ, ତେବେ ଏହି ଲେଖକ ସେଥିରେ ଆନ୍ତରିକତା ସହକାରେ ସାମିଲ୍ ହୋଇ ନିଜର ଶ୍ରମ ଓ ଶକ୍ତି ଦେବାର ଗୌରବ ଅନୁଭବ କରିପାରନ୍ତା । ଆଇନ୍‌କୁ ଲୋକଙ୍କ ପାଖରେ ପହୁଞ୍ଚାଇବା ପାଇଁ ତାଙ୍କ ଭିତରେ ଥିବା ଅଦମ୍ୟ ନିଶାର ଅକାଟ୍ୟ ପ୍ରମାଣ ହେଉଛି, ତାଙ୍କ ପ୍ରତିଷ୍ଠିତ ସଂସ୍ଥାର ନାମକରଣ – କ୍ଲାପ୍ ବା Committee for Legal Aid to Poor (CLAP) । ତାଙ୍କର ଏହି ନିଶାର ଛିଟିକା ମୋ ଉପରେ ଯେ ପଡିଛି, ଏକଥା ଯେ କେହି ମୋତେ ଜାଣିଥିବା ବ୍ୟକ୍ତି ସହଜରେ ଅନୁମାନ କରିପାରିବେ । ଶ୍ରୀଯୁକ୍ତ ଦାସ ଜଣେ ସର୍ବକ୍ଷଣ, ପେଷାଦରୀ ଓକିଲ ନଥାଇ ମଧ୍ୟ ଓଡିଶାରେ ଗତ ଶତାବ୍ଦୀର ଅଶୀ ଓ ନବେ ଦଶନ୍ଧିରେ ଆଇନ୍ ସହାୟତା ଆନ୍ଦୋଳନର ଜଣେ ଆତ୍ମ-ପ୍ରେରିତ, ବଳିଷ୍ଠ ପ୍ରବକ୍ତା ଥିଲେ, ଏ ସତ୍ୟକୁ ମୁଖ୍ୟସ୍ରୋତରେ ଥିବା ରାଜ୍ୟର ଆଇନ୍‌ଜୀବି ସମାଜ ମୁକ୍ତକଣ୍ଠରେ ସ୍ୱୀକାର କରିବେ, ଏଥିରେ ସନ୍ଦେହ ନାହିଁ ।

ମୁଁ ପରବର୍ତ୍ତୀ ଅବସ୍ଥାରେ, ଅର୍ଥାତ୍ ନବେ ଦଶନ୍ଧିର ମଧ୍ୟଭାଗରେ ଓଡିଶାର ସାମୁଦ୍ରିକ ପରିସଂସ୍ଥା ଓ ତହିଁର ବିପନ୍ନ ଜୀବଶୃଙ୍ଖଳା (ଲୁଣୀଜଙ୍ଗଲ, ନୀଳରକ୍ତ କଙ୍କଡା, ଅଲିଭ୍ ରିଡ୍ଲେ କଇଁଛ ଇତ୍ୟାଦି)ର ସୁରକ୍ଷା ବିଷୟରେ ମୁଖ୍ୟତଃ ମନଧ୍ୟାନ ଦେବାରୁ , କିଛିବର୍ଷ ପାଇଁ ଶ୍ରୀଯୁକ୍ତ ଦାସଙ୍କ ସହିତ ନିୟମିତ ଯୋଗାଯୋଗ ଶୀଥିଳ ହୋଇପଡିଥିଲା । ସେ ସେତେବେଳେ କିନ୍ତୁ ଅବାରିତ ଗତିରେ ସାଧାରଣ ଲୋକଙ୍କ ପାଖରେ ଆଇନ୍ ସହାୟତା ପହୁଞ୍ଚାଇବା ଉଦ୍ଦେଶ୍ୟରେ ନୂଆନୂଆ ପୁସ୍ତକପୁସ୍ତିକା ପ୍ରକାଶନ କରିବା ସହିତ ସମ୍ବାଦପତ୍ରରେ ଲେଖାଲେଖି ଓ ତୃଣମୂଳ ସ୍ତରରେ ଆଲୋଚନାସଭା ଓ କର୍ମଶାଳା ମାଧ୍ୟମରେ ପ୍ରଶିକ୍ଷଣ ଦେବାର କାଯ୍ୟକ୍ରମ ବଜାୟ ରଖିଥାନ୍ତି । ଏହିକ୍ରମରେ ତାଙ୍କର ଦିଗ୍‌ଦର୍ଶନରେ ପରିଚାଳିତ କ୍ଲାପ୍‌ର ଏକ ବିଶେଷ କାର୍ଯ୍ୟକ୍ରମ ରାଜ୍ୟବାସୀଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କିଥିଲା, ତାହା ହେଉଛି- ମହାବାତ୍ୟା ପରେ ସରକାର କ୍ଷତିଗ୍ରସ୍ଥ ଅଞ୍ଚଳ ଓ ଅଧିବାସୀମାନଙ୍କ ରିଲିଫ୍ ଓ ଥଇଥାନ ନାଁରେ ଯେଉଁସବୁ ଅଧପନ୍ତରିଆ କାମ କଲେ ଏବଂ ଏଥପାଇଁ ଉଦ୍ଦିଷ୍ଟ ପାଣ୍ଠି ଓ ସାମଗ୍ରୀକୁ ସରକାରୀ ଅମଲାମାନେ ହରିଲୁଟ୍ କଲେ, ସେ ବିଷୟରେ ତଥ୍ୟସମ୍ବଳିତ ଏବଂ ସଚିତ୍ର ବିବରଣୀ ପ୍ରକାଶ କରିବା ସହିତ ରାଜ୍ୟସ୍ତରରେ ଜନଶୁଣାଣି ଆୟୋଜନ କରିବା । ତାଙ୍କର ମୂଳ ବକ୍ତବ୍ୟ ଥିଲା, ସମ୍ବିଧାନର ଧାରା ୨୧ରେ ଥିବା ନାଗରିକର ଜୀବନ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ଅଙ୍ଗୀକାର ତଥା ଓଡିଶା ରିଲିଫ୍ କୋର୍ଡ ୧୯୮୦ ଭଳି ଯେଉଁସବୁ ପ୍ରଚଳିତ ବିଧିବିଧାନ ରହିଛି, ସେଗୁଡିକର ନଗ୍ନ ଉଲ୍ଲଂଘନ କରାଯାଇଛି ସରକାର ଏବଂ ଶାସନକଳ ଦ୍ୱାରା ମହାବାତ୍ୟା-ପରବର୍ତ୍ତୀ ସମସ୍ତ ସହାୟତା, ଥଇଥାନ ଓ ପୁନଃନିର୍ମାଣ କାର୍ଯ୍ୟପ୍ରକ୍ରିୟାରେ ।

୨୦୦୧ର ମଧ୍ୟଭାଗରେ ଏହି ଲେଖକ ନିଜେ ଗଢିଥିବା ଏନ୍.ଜି.ଓ.ରୁ ଇସ୍ତଫା ଦେଇ ତା ପରଠାରୁ ଶାସନସଂସ୍କାର ସଂକ୍ରାନ୍ତୀୟ ବିଷୟବସ୍ତୁ ଓ ବିଶେଷକରି ସୂଚନା ଅଧିକାର ଆଇନ୍ ସମ୍ବନ୍ଧରେ ମନୋନିବେଶ କରିବା ଆରମ୍ଭ କରିବାରୁ ପୁଣି ଶ୍ରୀଯୁକ୍ତ ଦାସଙ୍କ ସହିତ ବିଭିନ୍ନ ଉପଲକ୍ଷରେ ମିଳିତ ହେବା ଏବଂ ସେ ମୋ ବକ୍ତବ୍ୟ ଶୁଣିବା ଓ ମୁଁ ତାଙ୍କ ବକ୍ତବ୍ୟ ଶୁଣିବାର ସୁଯୋଗ ଅନେକବାର ମିଳିଛି । ତାଙ୍କର ଉତ୍ତୀର୍ଣ୍ଣ ବୟସ ଏବଂ ମଝିରେ ମଝିରେ ସ୍ୱାସ୍ଥ୍ୟ ବିଗିଡିବା ସତ୍ତ୍ୱେ ସେ ଆଇନ୍-ସହାୟତାର ନୂଆନୂଆ ଦିଗନ୍ତରେ ପୂର୍ବଭଳି ନିଜର ସାଧନା ଓ ପ୍ରୟାସରେ ଅଟଳ ରହିଥିବା ଦେଖି ଏହି ଲେଖକ ନିଜେ ବିସ୍ମିତ ହେବାସହ ଅନୁପ୍ରେରିତ ହୋଇଛି ମଧ୍ୟ ।

ବିଭିନ୍ନ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ତଥା ବିଭିନ୍ନ ପ୍ରକାର ମାନବାଧିକାର ଉଲ୍ଲଂଘନ ବିରୁଦ୍ଧରେ ଶ୍ରୀ ଯୁକ୍ତ ଦାସ ରାଷ୍ଟ୍ର ଓ ସରକାରଙ୍କ ପାଖରେ ଯେଉଁ ଢଙ୍ଗରେ ଖୋଲାଖୋଲି ଓକିଲାତି କରିଥାନ୍ତି, ତହିଁର ବୌଦ୍ଧିକ କୌଶଳକୁ ମୁଁ ଗଭୀର ଭାବେ ଲକ୍ଷ୍ୟ କରିଛି । ମୋଟ ଉପରେ ତାଙ୍କର କହିବା କଥା, ସମ୍ବିଧାନର ଅମୁକ ଅନୁଚ୍ଛେଦରେ, ବା ଅମୁକ ଆଇନ୍‌ର ଅମୁକ ଧାରାରେ ବା ସୁପ୍ରମ୍ କୋର୍ଟଙ୍କ ଅମୁକ ରାୟରେ ଲୋକଙ୍କ ପାଇଁ ଅମୁକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯାହାକୁ ତୁମେ ସରକାର ଓ ପ୍ରଶାସନରେ ରହି ପାଳନ କରିବ ନାହିଁ କାହିଁକି ? ଗୋଟିଏ ବିପର୍ଯ୍ୟୟରୁ ତୁରନ୍ତ ଉଦ୍ଧାର କିମ୍ବା ଗୋଟିଏ ଅନ୍ୟାୟରେ ଆଶୁ ପ୍ରତିକାର ଆମେ ଚାହୁଁଥିଲେ, ଏହି କୌଶଳଟି ଯେ ଅତୀବ ପ୍ରାସଙ୍ଗିକ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କିନ୍ତୁ ଯେଉଁ ମୌଳିକ କାରଣରୁ ଶାସନକଳ ଦ୍ୱାରା ବାରମ୍ବାର ସେହି ଏକାପ୍ରକାରର ଅନ୍ୟାୟ ଓ ଉଲ୍ଲଂଘନ ଘଟିଚାଲୁଛି, ତହିଁର ନିରାକରଣ ଓ ସଂସ୍କାର ଦୃଷ୍ଟିରୁ ଉପରୋକ୍ତ କୌଶଳଟି ମୋଟେ ଉପଯୋଗୀ ନୁହେଁ ବୋଲି ମନେ ହୁଏ, ବରଂ ଆମ ଅଜାଣତରେ ଏତାଦୃଶ କୌଶଳଟି ପ୍ରଶାସନ କର୍ତ୍ତୃକ ଘଟୁଥିବା ଯାବତୀୟ ଅନ୍ୟାୟ ଓ ଅତ୍ୟାଚାରକୁ ପ୍ରଶୟ ଦେଉଥିବା କାନୁନୀ ଓ ସାମ୍ବିଧାନିକ ବ୍ୟବସ୍ଥା ସମ୍ବନ୍ଧରେ ଲୋକମାନସକୁ ମୋହାଚ୍ଛନ୍ନ କରି ରଖିବାରେ ସହାୟକ ହେବ । ଏହି ବକ୍ତବ୍ୟଟିକୁ ଅଧିକ ପ୍ରାଞ୍ଜଳ କରିବା ପାଇଁ ସୁପ୍ରିମ୍ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଓ ସମ୍ବିଧାନର କାର୍ଯ୍ୟକାରିତା ସମୀକ୍ଷାପାଇଁ ଗଠିତ ଜାତୀୟ କମିଶନ୍-୨୦୦୨ର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ଭେଙ୍କଟଚାଲିଆ ଉଠାଇଥିବା ପ୍ରଶ୍ନକୁ ଏହି ଲେଖକ ଏଠାରେ ଦୋହରାଇବାକୁ ଚାହେଁ - ଯେଉଁଠି ଗୋଟିଏ ରାଷ୍ଟ୍ର ନିଜେ ଦେବାଳିଆ ହେଉଥିଲାବଳେ, ରାଷ୍ଟ୍ରର କାର୍ଯ୍ୟକର୍ତ୍ତାମାନେ ମାଲେମାଲ୍ ହୋଇଚାଲିଛନ୍ତି, ସେଠାରେ ଆମକୁ ଖୋଜିବାକୁ ପଡିବ, ଯେଉଁ ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ଏହି ରାଷ୍ଟ୍ର ପରିଚାଳିତ ହେଉଛି, ସେଥିରେ କିଛି ଗଡ୍‌ବଡି ନାହିଁ ତ ? ଏହି ସ୍ପର୍ଶକାତର ପ୍ରସଙ୍ଗଟି ଏବେବି ଏକ ବ୍ୟାପକ ଜନବିତର୍କ ଅପେକ୍ଷାରେ, ଏବଂ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାସ ତାଙ୍କର ସୁଦୀର୍ଘ ଏବଂ ବହୁମୁଖୀ ଅନୁଭୂତି-ଭଣ୍ଡାରକୁ ଆଧାର କରି ଏହା ଉପରେ ତାଙ୍କର ଗୁଣମୁଗ୍ଧ ଏହି ଲେଖକ ସମେତ ଅନ୍ୟ ସମସ୍ତ ଉତ୍ତରସୁରୀଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବେ ବୋଲି ଆଶା ଓ ବିଶ୍ୱାସ ।

Chitta Behera, 4A Jubilee Tower, Choudhury Bazar, Cuttack-9, PH- 0671- 2308518 (Res.), Mobile: 9437577546, 9861091455, Email: chittabehera1@yahoo.co.in